## ବଳାତ୍କାର ମାମଲା, ଫେରାର ଅଭିଯୁକ୍ତ ଜେଲଗଲେ

ଦିଗପହଣ୍ଡି, (ଡି.ଏନ.ଏ.): ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ କୁନା ସେଠୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଘଟଣା ପରଠାରୁ ଫେରାର ଥିବା ଅଭିଯୁକ୍ତ କୁନାଙ୍କୁ ମାମଲାର ରଫାଦଫା କରିବା ବାହାନାରେ ତଦନ୍ତକାରୀ ପୋଲିସ ଅଧିକାରୀ ସକାଳେ ଥାନାକୁ ଡକାଇଥିଲେ। ଅଭିଯୁକ୍ତ ତାଙ୍କ ବନ୍ଧୁବର୍ଗ ଏବଂ ଗାଁ ଭଦ୍ରଲୋକଙ୍କ ସହ ଥାନାରେ ପହଞ୍ଚିବା କ୍ଷଣି ପୋଲିସ ତାଙ୍କୁ ଘେରିଯାଇ କାବୁ କରିଥିଲା। ଗତ ସେପ୍ଟେମ୍ବର ୨୫ ତାରିଖ ରାତିରେ କୁନା ଯୁବତୀଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ନଂ.୨୧୮/୨୦ରେ ଏକ ମାମଲା ରୁଜୁ ହୋଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଆସିକା,୧୮।୩ (ଡି.ଏନ୍.ଏ.)-ଆସିକା-ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥର ଚେରମାରିଆ ନିକଟରେ ଗୁରୁବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋରଡା ଥାନା ଅନ୍ତର୍ଗତ ବରାଡି ଗ୍ରାମର କାଳି ଚରଣ ଗୌଡ (୫୨)। କାଳିଚରଣ ବାଇକରେ ଗାଁରୁ ବ୍ରହ୍ମପୁର ଯାଉଥିବା ବେଳେ ରାସ୍ତାରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ପୁଅ ସତ୍ୟବ୍ରତ ଗୌଡ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ନଂ.୧୫୮/୨୧ରେ ମାମଲା ରୁଜୁ କରି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ବନ୍ଧୁକ ଜବତ, ଶିକାରୀ ଗିରଫ

ରାଇକିଆ,୧୮।୩ (ଡି.ଏନ୍.ଏ.)-ରାଇକିଆ ବ୍ଲକର ମାଣିକେଶ୍ୱର ଜଙ୍ଗଲରେ ବନ୍ଧୁକ, କୁରାଢ଼ି, କଟୁରୀ ଓ ଦିଆସିଲି ଆଦି ଧରି ବୁଲୁଥିବା ଜଣେ ଯୁବକଙ୍କୁ ବନ କର୍ମଚାରୀମାନେ କାବୁ କରିଛନ୍ତି। ସେ ହେଲେ ମିଟୁ ପ୍ରଧାନ। ତାଙ୍କୁ ଗିରଫ କରାଯିବା ସହ ବନ୍ଧୁକ ଅନ୍ୟ ସମସ୍ତ ଜିନିଷ ଜବତ କରାଯାଇଛି। ବୁଧବାର ସନ୍ଧ୍ୟାରେ ନିଆଁ ଲାଗିଥିବା ଖବରପାଇ ନିଆଁ ଲିଭାରେ ନିୟୋଜିତ ସ୍କ୍ୱାର୍ଡରେ ଥିବା ବନ ବିଭାଗର ଷ୍ଟାଫ ଅଜିତ କୁମାର ଗଣ୍ଡ, ବିଷ୍ଣୁ ପ୍ରସାଦ ରଥ ଜଙ୍ଗଲକୁ ଯାଇଥିବାବେଳେ ମିଟୁଙ୍କୁ କାବୁ କରିଥିଲେ। ଏ ନେଇ ନଂ ୧୨୭ ,୨୦୨୦-୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜର ସୁନିଲ ସାହୁ କହିଛନ୍ତି। ବନ୍ୟଜନ୍ତୁ ଶିକାର ପାଇଁ କିଛି ଦୁର୍ବୃତ୍ତ ପାହାଡ ଉପରେ ନିଆଁ ଲଗାଇ ତଳେ ଲୁଚି ରହୁଥିବା ରେଞ୍ଜର ପ୍ରକାଶ କରିଛନ୍ତି।

### ବନ ବିଭାଗ ପକ୍ଷରୁ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବୁଗୁଡ଼ା,୧୮।୩(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳ ବାଲିପଦର ସେକ୍ସନ ଅନ୍ତର୍ଗତ ଅନ୍ତରପଡ଼ାଠାରେ ଗୁରୁବାର ବନ ବିଭାଗ ପକ୍ଷରୁ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ଅଧକ୍ଷତା କରିଥିବା ବେଳେ ବୁଗୁଡ଼ା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଭଗବତୀ ପ୍ରସାଦ ଦାଶ, ସହକାରୀ ଚିକିତ୍ସାଧିକାରୀ ପିଙ୍କି ସାହୁ ପ୍ରମୁଖ ଯୋଗଦେଇ ଅନ୍ତରପଡ଼ାର ୨୫୦ ଗୋରୁଙ୍କୁ ସାହାଣ ଟିକା ପ୍ରଦାନ କରିଥିଲେ। ୩୧୦ ଗୋରୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଯୋଗାଇ ଦେଇଥିଲେ। ଶିବିରକୁ ବାଲିପଦର ବନପାଳ କ୍ଷୀରୋଦ କୁମାର ଗୌଡ଼ ପରିଚାଳନା କରିଥିବା ବେଳେ ଏଲଆଇ ରବୀନ୍ଦ୍ର କୁମାର ସାହୁ, ବନରକ୍ଷୀ ପ୍ରଶାନ୍ତ କୁମାର ପଲାଇ ସହଯୋଗ କରିଥିଲେ।

### କରୋନା ସଚେତନତା କାର୍ଯ୍ୟକ୍ରମ

ପୁରୁଷୋତ୍ତମପୁର,୧୮।୩ (ଡି.ଏନ.ଏ.)- ପୁରୁଷୋତ୍ତମପୁର ଏନ୍ଏସି ପ୍ରଶାସନ ପକ୍ଷରୁ ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ କୋଭିଡ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ୍ କୁମାର ବେହେରା, ତହସିଲଦାର ନିତିଶ କୁମାର ତ୍ରିପାଠୀ, ସିଡିପିଓ ବବିତା ଚ୍ୟାଉପଟ୍ଟନାୟକ, ପୂର୍ବତନ କାଉନସିଲ ଅଶୋକ କୁମାର ମହାଙ୍କୁଡଙ୍କ ସମେତ ଏନ୍ଏସି କର୍ମଚାରୀମାନେ ଶୋଭାଯାତ୍ରାରେ ବିଭିନ୍ନ ସାହି ବସ୍ତି ବୁଲି ଲୋକଙ୍କୁ କରୋନା କଟକଣା ମାନିବାକୁ ସଚେତନ କରିଥିଲେ।

### ଆଇନ ସଚେତନତା ଶିବିର

କାଶୀନଗର,୧୮।୩(ଡି.ଏନ.ଏ.)-ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ କାଶୀନଗର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁସୂଚିତ ଜାତି ଓ ଜନଜାତି ଧାରା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ଯୋଗଦେଇ କିପରି ଅନୁସୂଚିତ ଜାତି ଓ ଜନଜାତି ଲୋକେ ମାଗଣା ଆଇନ ସେବା ପାଇପାରିବେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ସି.ଏଚ୍ ଶ୍ରୀମାଦ୍ରୀ, କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମହାନ୍ତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ସାହୁ, ଜିଲା ପରିଷଦ ସଦସ୍ୟ ସୁକାନ୍ତ ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍‌ସି ଅଫିସ ଆଗରେ ଭାଜପାର ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୧୮।୩



ବିଏମସି ଅଫିସ ଆଗରେ ଭାଜପାର ବିକ୍ଷୋଭ ପ୍ରଦର୍ଶନ ।

- ବର୍ଦ୍ଧିତ ହୋଲ୍ଡିଂ ଟିକସ ଆଦାୟକୁ ବିରୋଧ
- ଦୋକାନ ଘର ଭଡ଼ା ଛାଡ଼ ଦାବି

ବିଏମ୍‌ସି (ବ୍ରହ୍ମପୁର ମହାନଗର ନିଗମ)ର ବର୍ଦ୍ଧିତ ହୋଲଡିଂ ଟିକସ ତୁରନ୍ତ ପ୍ରତ୍ୟାହାର ଦାବି ନେଇ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଗୁରୁବାର ଶୋଭାଯାତ୍ରା ସହ ନିଗମ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ଦିଆଯାଇଥିଲା। ଶତାଧିକ କର୍ମୀ ଦଳୀୟ ପତାକା ଧରି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ରାଲିରେ ବାହାରି ଓ ରାସ୍ତା ପରିକ୍ରମା ବେଳେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଜିଲା ସଭାପତି ବିଭୂତି ଭୂଷଣ ଜେନା ଓ ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବିଏମ୍‌ସି କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ହୋଇଥିବା ବିକ୍ଷୋଭ ସ୍ଥଳକୁ ଆସି କମିଶନର ଦାବିପତ୍ର ନେବାକୁ ଅଡ଼ି ବସିଥିଲେ। ତେବେ ସେ ନ ଆସିବାରୁ ନେତା ଓ କେତେକ କର୍ମୀ ତାଙ୍କ ପ୍ରକୋଷ୍ଠ ନିକଟକୁ ଯାଇ ଦାବିପତ୍ର ଦେଇଥିଲେ। ପ୍ରବଳ ଉତ୍ତେଜନା ଦେଖାଦେବାରୁ ପୋଲିସ ଫୋର୍ସ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ସ୍ମାରକପତ୍ର କମିଶନରଙ୍କୁ ଦିଆଯାଇଥିଲା।

ଦାବିପତ୍ରରେ ଦର୍ଶାଯାଇଛି, କରୋନା ଯୋଗୁ ମହାନଗରବାସୀଙ୍କ ଆର୍ଥିକ ସ୍ଥିତି ବିଗିଡ଼ି ଯାଇଛି। ଗରିବ ପରିବାରଗୁଡ଼ିକର ଜୀବିକା ବିଶେଷ ଭାବେ ପ୍ରଭାବିତ ହୋଇଛି। ଏଭଳି ସ୍ଥିତିରେ ଘର ଟିକସ ଲଗାମ ଛଡ଼ା ଭାବେ ବୃଦ୍ଧି କରାଯାଇଛି। ପୌର ପରିଷଦ ନ ଥିବାରୁ ଅଫିସରମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ବର୍ଦ୍ଧିତ ଟିକସ ଆଦାୟ ପାଇଁ ନିୟମ ପ୍ରକାରେ ଜନ ଶୁଣାଣି ହୋଇ ନ ଥିବାରୁ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବେନିୟମ ହୋଇଥିବା ଅଭିଯୋଗ କରାଯାଇଛି। ତେଣୁ ବର୍ଦ୍ଧିତ ଟିକସ ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ ଦାବି କରାଯାଇଛି।

# ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୮।୩

**ଲାଞ୍ଚ ଗ୍ରହଣ ମାମଲା**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଗୁରୁବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବରଗାଁର ଆରଆଇ ବିଜୟ କୁମାର ମହାରଣା ଓ ପିଅନ ଜୟଦେବ ସାହୁଙ୍କୁ ପ୍ରାୟ ୭ ବର୍ଷ ପରେ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ଘଟଣାରୁ ପ୍ରକାଶ, ଏକ ମ୍ୟୁଟେଶନ କେସ୍‌ର ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଆବେଦନକାରୀ ମହେଶ୍ୱର ଡାକୁଆଙ୍କୁ ଆରଆଇ ବିଜୟ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ୧୪ ଶହ ଟଙ୍କା ଦେବା ପାଇଁ ସ୍ଥିର ହୋଇଥିଲା। ଏନେଇ ମହେଶ୍ୱର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ଅନୁଯାୟୀ, ୨୦୧୪ ଜୁନ ୩୦ରେ ମହେଶ୍ୱର ବରଗାଁ ଆରଆଇ କାର୍ଯ୍ୟାଳୟରେ ୧୪ଶହ ଟଙ୍କା ଆରଆଇ ବିଜୟଙ୍କୁ ଦେଇଥିଲେ। ପରେ ସେ ଉକ୍ତ ଟଙ୍କା ନିକଟରେ ଥିବା ପିଅନ ଜୟଦେବଙ୍କୁ ଦେଇଥିଲେ। ସେଠାରେ ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ଉଭୟ ଆରଆଇ ଓ ପିଅନଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୧୮/୧୪ ଅନୁସାରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ୧୦ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜଜ୍ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ପିପି ଅଜିତ କୁମାର ପଟ୍ଟନାୟକ ଓ ମୁଦାଲାଙ୍କ ତରଫରୁ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁଙ୍କ ସ୍ମୃତିସଭା

ଛତ୍ରପୁର,୧୮।୩(ଡି.ଏନ.ଏ.)

ଛତ୍ରପୁରର ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ଚମାଖଣ୍ଡି ଛକସ୍ଥିତ କଲ୍ୟାଣମଣ୍ଡପଠାରେ ଏକ ସ୍ମୃତିସଭା ହୋଇଥିଲା । ଏଥିରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସ୍ୱର୍ଗତ ପୂର୍ବତନ ବିଧାୟକଙ୍କ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ବିଶ୍ୱନାଥ ସାହୁ ୨ ଥର ଛତ୍ରପୁରର ବିଧାୟକ ନିର୍ବାଚିତ ହୋଇଥିଲେ । ସେ ଏକାଧାରରେ କମ୍ୟୁନିଷ୍ଟ ନେତା, ସଂଗ୍ରାମୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ ପାଇଁ କାମ କରିଥିବା ପୁରୋଧା, କୃଷକ ନେତା ଥିଲେ ବୋଲି ଏଥିରେ ମତପ୍ରକାଶ ପାଇଥିଲା। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଅଞ୍ଚଳ ପ୍ରତି ରହିଥିବା ଅବଦାନ ଅବିସ୍ମରଣୀୟ ବୋଲି କହିଥିଲେ। ଛତ୍ରପୁର ବ୍ଲକ ଅଧକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ, କଂଗ୍ରେସ ନେତା ଭାଗୀରଥି ବେହେରା, ରାଜା ସୁରେଶ ପଣ୍ଡା, ଶିକ୍ଷାବିତ୍ ରମାକାନ୍ତ ପାଣିଗ୍ରାହୀ, ଆର୍.ବାଲକ୍ରିଷ୍ଣା, ସିପିଆଇ ନେତା ନୀଳକଣ୍ଠ ଦାଶ, ସୀମାଞ୍ଚଳ ସାହୁ, ଓକିଲ ନିରଞ୍ଜନ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ୍.ଗିରିଜା ପ୍ରସାଦ ରେଡ୍ଡୀ, ସନ୍ତୋଷ ରେଡ୍ଡୀ, ଏସ୍.କ୍ରିଷ୍ଣା ଓ ଚମାଖଣ୍ଡି ସରପଞ୍ଚ ସସ୍ମିତା ପ୍ରଧାନ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

# ଭଞ୍ଜନଗରରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମୀକ୍ଷା

ଭଞ୍ଜନଗର,୧୮।୩ (ଡି.ଏନ.ଏ)

**ସମସ୍ତ ଘରକୁ ପାଇପ ପାଣି ଯୋଗାଣ ଯୋଜନା**


ସମୀକ୍ଷା କରୁଛନ୍ତି ଜଳଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଅଭୟ କୁମାର ବିଶ୍ୱାଳ।

୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ଘର ସମ୍ମୁଖକୁ ପାଇପ ଯୋଗେ ପାଣି ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଲକ୍ଷ୍ୟ ଅନୁସାରେ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇଛି କି ନାହିଁ ତାହାର ସମୀକ୍ଷା କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଅଭୟ କୁମାର ବିଶ୍ୱାଳ ଗୁରୁବାର ଭଞ୍ଜନଗର ଆସି ସ୍ଥାନୀୟ ଜଳସମ୍ପଦ ବିଭାଗ ଡ଼ାକ ବଙ୍ଗଳାରେ ଯନ୍ତ୍ରୀ ଓ ଠିକାଦାରମାନଙ୍କ ସହ ପୃଥକ ଭାବେ ଆଲୋଚନା କରିଛନ୍ତି। ଭଞ୍ଜନଗର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ଅଧୀନରେ ୧୧ ବ୍ଲକ ରହିଛି। ଉକ୍ତ ବ୍ଲକ ଗୁଡ଼ିକରେ ଲକ୍ଷ୍ୟ ଅନୁସାରେ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ହୋଇ ନ ଥିବା ଜଣାପଡ଼ିଛି। ତେଣୁ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ କରିବାକୁ ସର୍ବୋଚ୍ଚ ଯନ୍ତ୍ରୀ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୌଣସି କର୍ମଚାରୀ ଅବହେଳା କଲେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସର୍ବୋଚ୍ଚ ଯନ୍ତ୍ରୀ ବୈଠକରେ ପରୋକ୍ଷରେ ସୂଚାଇ ଦେଇଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ଶୁକ୍ରବାର ଭଞ୍ଜନଗର ଅଞ୍ଚଳର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିବା ପରେ ଫୁଲବାଣୀ ଅଭିମୁଖେ ଯିବା କାର୍ଯ୍ୟକ୍ରମ ରହିଛି। ସର୍ବୋଚ୍ଚ ଯନ୍ତ୍ରୀଙ୍କ ଗସ୍ତ ସମୟରେ ଅଧିକ୍ଷଣ ଯନ୍ତ୍ରୀ ସୁରେଶ ଚନ୍ଦ୍ର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ମଦ ଜବତ, ୩ ଅଟକ

କୁକୁଡ଼ାଖଣ୍ଡି,୧୮।୩

ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଗତ କିଛିଦିନ ଧରି ଚାଲିଥିଲା ନକଲି ମଦ କାରବାର। ବୁଧବାର ପୋଲିସ ଖବର ପାଇ ଜବତ କରିଥିଲା ନକଲି ମଦ କାରଖାନା। ସେଥିରୁ ମିଳିଥିଲା ବିଭିନ୍ନ ପ୍ରକାରର ନାମୀଦାମୀ କମ୍ପାନୀର ମଦ। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖିବା ସହ ୧୦ରୁ ଊର୍ଦ୍ଧ୍ୱ ବିଦେଶୀ ମଦ ପେଟି ସିଲ୍ କରିଛି। ସୂଚନାଯୋଗ୍ୟ, ସୋମବାର ସଦର ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ଛତୁ ଫ୍ୟାକ୍ଟ୍ରି ନାଁରେ ଚାଲିଥିବା ଗୁଟ୍‌ଖା ଫ୍ୟାକ୍ଟ୍ରି ଉପରେ ଉପଜିଲାପାଳ ଭି.କୀର୍ତ୍ତି ୱାସନ୍ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ପ୍ରସ୍ତୁତିକାରୀ ମେଶିନ୍ ସହ ୨ ହଜାରରୁ ଊର୍ଦ୍ଧ୍ୱ ଗୁଟ୍‌ଖା ଜବତ କରିଥିଲେ।

## ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ରମ୍ଭା,୧୮।୩

ଗଞ୍ଜାମ ବ୍ଲକ ସୁବଳୟା ଗୋପାଳକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ ସହକାରୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିଲାଗି ପ୍ରଧାନଶିକ୍ଷକ ବିଜୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବାନାମ୍ବର ପଲେଇ, ସମ୍ମାନିତ ଅତିଥି ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ତ୍ରିପାଠୀ, ଅତିରିକ୍ତ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ସେନାପତି, ଗୋପାଳକୃଷ୍ଣ ବିଜ୍ଞାନ କଲେଜ ଅଧକ୍ଷ ସିଏଚ .ସୁଧାକର ରେଡି, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ ପୂର୍ବତନ ସରପଞ୍ଚ କେଦାରନାଥ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ନିକଟରେ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକ ନାରାୟଣ ନାହାକ, ଅଭିରାମ ବେହେରା, ଡ଼. ଶଙ୍କର ନାରାୟଣ ବେଜଙ୍କୁ ଉପଢ଼ୌକନ ସହ ସମ୍ମାନିତ କରାଯିବା ସହ ଅବସର ଗ୍ରହଣ କରିଥିବା ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ରାଜେନ୍ଦ୍ର କୁମାର ସେନାପତି, ଜବାହରଲାଲ ନାୟକଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଇଯାଇଥିଲା।

# ଦଣ୍ଡନାଚ ଅନୁମତି ପାଇଁ ଜିଲାପାଳଙ୍କୁ ଦାବି

ଫୁଲବାଣୀ ଅଫିସ, ୧୮।୩

କନ୍ଧମାଳ ଜିଲାରେ ଦଣ୍ଡନାଚ ପାଇଁ ଜିଲା ଜାଗରଣ ମଞ୍ଚ ପକ୍ଷରୁ ଗୁରୁବାର ଦାବି କରାଯାଇଛି । ଜିଲାପାଳ ଏହା ଉପରେ ବିଚାର କରି ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗତବର୍ଷ କରୋନା କଟକଣା ଯୋଗୁ ଦଣ୍ଡନାଚ ହୋଇ ନ ଥିଲା। ଚଳିତବର୍ଷ ଏହି ଦଣ୍ଡ ନାଚ ପାଇଁ ମାନସିକଧାରୀ ଓ ନାଚ ପିଲା ମିଶି ୨୦୦ ଲୋକଙ୍କୁ ଏହି ପରମ୍ପରା ବଜାୟ ରଖିବାକୁ ଅନୁମତି ପ୍ରଦାନ କରିବାକୁ ଦାବି ହୋଇଛି। ଗତବର୍ଷ ନାଚ ବନ୍ଦ ଯୋଗୁ ଦଣ୍ଡ କମିଟି ଗୁଡ଼ିକ ଆର୍ଥିକ ଚାପ ଦେଇ ଗତି କରୁଛନ୍ତି। ତେଣୁ ସେମାନଙ୍କ ପରିବାରକୁ ସରକାର ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା, ଦଣ୍ଡନାଚ କଳାକାରଙ୍କୁ କଳାକାର ଭତ୍ତା ପ୍ରଦାନ କରିବାକୁ ମଞ୍ଚ ପକ୍ଷରୁ ଦାବି ରଖାଯାଇଛି। ମଞ୍ଚ ଆବାହକ ପରେଶ ମହାପାତ୍ରଙ୍କ ନେତୃତ୍ୱରେ ବହୁ ଦଣ୍ଡନାଚ କମିଟିର ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ଦାବିପତ୍ର ପ୍ରଦାନ କରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପାତ୍ରପୁର,୧୮।୩ (ଡି.ଏନ.ଏ.)

ପାତ୍ରପୁର ବ୍ଲକ ବି. ନୂଆଗାଁ ଗ୍ରାମରେ ଚାଲିଥିବା ମା' ବ୍ରାହ୍ମଣିଦେବୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ସି. ସରଦାପୁର ଦଳକୁ ହରାଇ ଜଗନ୍ନାଥପୁର ଦଳ ବିଜୟୀ ହୋଇଛି। ଏମ. ବାଲରାଜୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ଯୁବନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା, ସ୍ଥାନୀୟ ସରପଞ୍ଚ ତିମିରେଶୁ ରେଡ୍ଡୀ, ନୀଳାଞ୍ଚଳ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଧବଳେଶ୍ୱର ସାହୁ, ସୁରେଶ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଜୟୀ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଦିଆଯାଇଥିଲା । ଏଥିସହ ମ୍ୟାନ ଅଫ ଦି ସିରିଜ ଭାବେ ଚିରଞ୍ଜୀବି, ମ୍ୟାନ ଅଫ ଦି ମ୍ୟାଚ ଭାବେ ମୁରଲୀ ଓ ଅନ୍ୟ ଶ୍ରେଷ୍ଠ ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ୟାମ ସୁନ୍ଦର ବେହେରା, କ୍ଷୀରସିନ୍ଧୁ ବେହେରା ଓ ଲକ୍ଷ୍ମୀନାରାଣ ପାଢ଼ୀ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ୨୦ ପୁରୁଣା ଦୋକାନ ଭାଙ୍ଗିଲା ପ୍ରଶାସନ

ପୋଲସରା,୧୮।୩ (ଡି.ଏନ.ଏ.)

**ପୋଲସରା ଏନ୍ଏସି**

ପୋଲସରା ଏନ୍ଏସି ମାଛ ମାର୍କେଟରେ ୧୩ ହଜାର ବର୍ଗଫୁଟ ଅଞ୍ଚଳରେ ୩ କୋଟି ୯୬ ଲକ୍ଷ ଟଙ୍କାରେ ନିର୍ମାଣ ହେବ ସୁପର ମାର୍କେଟ କମ୍ପ୍ଲେକ୍ସ। ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ତତ୍କାଳୀନ ମନ୍ତ୍ରୀ ଉଷା ଦେବୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକୁ ଏନ୍ଏସି ପ୍ରଶାସନ ଗୁରୁବାର ହାତକୁ ନେଇ ତତ୍ପରତା ଦେଖାଇ କାର୍ଯ୍ୟ ଆରମ୍ଭ କରିଛି। ଉକ୍ତ ସ୍ଥାନରେ ପୂର୍ବରୁ ୨୦ ଦୋକାନ ଗୃହ ରହିଥିଲା, ତାକୁ ଭାଙ୍ଗି ଦେଇଛି। ଏହି ଦୋକାନ ଗୃହଗୁଡ଼ିକୁ ଭଙ୍ଗାଯିବା ନେଇ ଦୋକାନୀଙ୍କୁ ପୂର୍ବରୁ ଏନ୍ଏସି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଉଚ୍ଛେଦ ଦୋକାନୀମାନଙ୍କୁ ପ୍ରଶାସନର ନିୟମ ପ୍ରକାରେ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।

# ଡ୍ରାଇଭରଙ୍କୁ ୧୦ ବର୍ଷ ଜେଲ, ସହଯୋଗୀ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୮।୩

**ଗଞ୍ଜେଇ ଚୋରାଚାଲାଣ ମାମଲା**

ଗଞ୍ଜାମ ଜିଲା ଅତିରିକ୍ତ ଦୌରାଜଜ (ଏଡିଜି-୨) ସଂଘମିତ୍ରା ଶର୍ମା ଗୁରୁବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ କାର ଡ୍ରାଇଭର ନୟାଗଡ଼ ଖଣ୍ଡପଡ଼ା ଥାନା କିଆଝରର ହେମନ୍ତ ଓରଫ ମିଥୁନ ନାୟକ (୩୦)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ୧ ବର୍ଷ ଅଧିକ ଜେଲ ଦଣ୍ଡ ପାଇଁ ମଧ ନିର୍ଦ୍ଦେଶ ରହିଛି। ଅନ୍ୟପଟେ ପ୍ରମାଣ ଅଭାବରୁ ମିଥୁନଙ୍କର ଅନ୍ୟ ଜଣେ ସହଯୋଗୀ ନୟାଗଡ଼ ଗଣିଆର ସର୍ବେଶ୍ୱର ସାହୁ (୪୫)ଙ୍କୁ ଏଡିଜେ-୨ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣାରୁ ପ୍ରକାଶ, ଗଞ୍ଜେଇ ଚୋରାଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ୨୦୧୮ରେ ଏକ ଖବର ପାଇଥିଲା। ସଦର ଥାନା ଅନ୍ତର୍ଗତ ରତ୍ନପୁର ବନ୍ଧ ନିକଟରେ ଅବକାରୀ ବିଭାଗ ଛକି ରହିଥିଲା। ଏକ କାର ୨୦୧୮ ମାର୍ଚ୍ଚ ୬ରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ଅବକାରୀ ବିଭାଗ ଉକ୍ତଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରେ ବେଆଇନ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। କାର ଭିତରୁ ୪୮ କେଜି ଗଞ୍ଜେଇ ଜବତ କରିଥିଲା। ଡ୍ରାଇଭର ମିଥୁନ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ସର୍ବେଶ୍ୱରଙ୍କୁ ଗିରଫ କରିଥିଲା। ମାମଲା ନଂ ୪/୧୮ରେ ସେମାନଙ୍କୁ ଅବକାରୀ ବିଭାଗ କୋର୍ଟଚାଲାଣ କରିଥିଲା।

# 'ଲକ୍ଷ୍ୟ' ପ୍ରମାଣପତ୍ର ପାଇଲା ଗଜପତି ଜିଲା

ପାରଳାଖେମୁଣ୍ଡି,୧୮।୩ (ଡି.ଏନ୍.ଏ.)

ପ୍ରସୂତି ଗୃହ ଏବଂ ପ୍ରସୂତି ଅସ୍ତ୍ରୋପଚାର ଗୃହର ଗୁଣବତ୍ତା ଅଭିବୃଦ୍ଧି ନିମନ୍ତେ ଗଜପତି ଜିଲାକୁ 'ଲକ୍ଷ୍ୟ' ପ୍ରମାଣପତ୍ର ମିଳିଛି। ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ମୂଲ୍ୟାଙ୍କନରେ ଜିଲା ମୁଖ୍ୟ ଚିକିତ୍ସାଳୟ, ପାରଳାଖେମୁଣ୍ଡି ପ୍ଲାଟିନମ ବ୍ୟାଜ ହାସଲ କରିବାରେ ସକ୍ଷମ ହୋଇଥିଲା। ଏହି ଉପଲକ୍ଷେ ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସଭାଗୃହରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲାପାଳ ଅନୁପମ ସାହା, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ସିଡିଏମଓ ଡାକ୍ତର ପ୍ରଦୀପ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନଲାଇନ୍‌ରେ ନୂଆଦିଲ୍ଲୀ ନୀତି ଆୟୋଗର ଜାତୀୟ ପ୍ରଭାରୀ ଅଧିକାରୀ ସଞ୍ଜୀବ କୁମାର ଚଢ୍ଢା, ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ପାଣିଗ୍ରାହୀ, ଭୁବନେଶ୍ୱରର ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଡ. ଦୀପା ପ୍ରସାଦ ପ୍ରମୁଖ ଯୋଡ଼ି ହୋଇଥିଲେ । ଏହି ଅବସରରେ ବିଶେଷ ଅବଦାନ ପାଇଁ ସ୍ତ୍ରୀ ଏବଂ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଶ୍ରୀକାନ୍ତ ସାହୁ, ଡିପିଏମ ଗଜପତି ସୌମ୍ୟାରାଣୀ ଗୌଡ, ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ଡାକ୍ତର ପ୍ରଦୀପ କୁମାର ପଣ୍ଡା, ପ୍ରସୂତି ଗୃହର ଷ୍ଟାଫ ନର୍ସ ଅନୀତା ପାତ୍ର ଏବଂ ମାତୃ ଅପରେଶନ ଥିଏଟରର ଷ୍ଟାଫ ନର୍ସ ମମତା ରାଉଳଙ୍କୁ ସମ୍ମାନୀତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଡିପିଏମ ସୁଶ୍ରୀ ଗୌଡ ପରିଚାଳନା କରିଥିଲେ ।

# ପୋତାଗଡ଼ ସଫେଇ ଦେଖି ଖୁସିବ୍ୟକ୍ତ କଲେ ଜିଲାପାଳ

ଗଞ୍ଜାମ,୧୮।୩ (ଡି.ଏନ.ଏ.)


ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଜିଲାପାଳ।

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ପୁଣି ପୋତାଗଡ଼ ଗସ୍ତରେ ଆସି ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଥିବା ପୋତାଗଡ଼ ଚତୁପାର୍ଶ୍ୱ ସଫେଇ କାର୍ଯ୍ୟ ଦେଖି ଖୁସି ବ୍ୟକ୍ତ କରିବା ସହ ଅଧିକ ସୁଇପର ଲଗାଇ ସଫା କରିବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୋତାଗଡ଼କୁ ଲାଗି ଥିବା ଋଷିକୂଲ୍ୟା ନଦୀପାର୍ଶ୍ୱରେ ପୋତାଗଡ଼ର ଅର୍ଦ୍ଧଅଂଶ ପୋତି ହୋଇଯାଇଥିବା ତାହା କିପରି ପୁନରୁଦ୍ଧାର ହୋଇପାରିବ ସ୍ଥାନୀୟ ଅଞ୍ଚଳବାସି ତଥା ସଫେଇ ଦାୟିତ୍ୱ ନେଇଥିବା ସୁଧୀର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ମନୋଜ ପ୍ରଧାନ, ସାଗର ତରାଇ, ମଦନ ସାହୁ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ପୋତାଗଡ଼ରେ ବୋଟିଂ କ୍ଲବ, ଫୁଡ ପ୍ଲାଜା, ଶିଶୁ ପାର୍କ ଆଦି ନିର୍ମାଣ ହେଲେ ପର୍ଯ୍ୟଟକଙ୍କ ଆକୃଷ୍ଟ ବଢ଼ିବ। ଏଥିପାଇଁ ସମସ୍ତ ବ୍ଲୁ ପ୍ରିଣ୍ଟ ସରିଛି। ଜଳ ସମ୍ପଦ ବିଭାଗ ଓ ଡ୍ରେନେଜ ବିଭାଗ ସହ ଆଲୋଚନା କରାଯାଇ ଏହାର ଉନ୍ନତିକରଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ଆସନ୍ତା ସପ୍ତାହରେ ରାଜ୍ୟ ପର୍ଯ୍ୟଟନ ସଚିବ ପୋତାଗଡ଼ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଥିବା ଜିଲାପାଳ ସୂଚନା ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ତହସିଲଦାର ଅରୁଣ କୁମାର ନାୟକ, ଏନ୍ଏସି ଇଓ ରୋନିତ କୁମାର, ଗ୍ରାସୀମ ଉଚ୍ଚପଦସ୍ଥ ଅଧିକାରୀ କେଜି ଗେନରୱାଲ ଓ ଡିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଏଲ୍ଆଇସି କର୍ମଚାରୀଙ୍କ ଦିନିକିଆ ଧର୍ମଘଟ

ଭଞ୍ଜନଗର,୧୮।୩(ଡି.ଏନ.ଏ)

ଭାରତୀୟ ଜୀବନ ବୀମା ନିଗମ, ଭଞ୍ଜନଗର ଶାଖା କର୍ମଚାରୀମାନେ ୧୦ ଦଫା ଦାବି ନେଇ ଗୁରୁବାର ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ଧର୍ମଘଟ କରିଥିଲେ । ରାଷ୍ଟ୍ରାୟତ ବୀମା ଶିଳ୍ପର ସୁରକ୍ଷା, ଆର୍ଥିକ ସଂସ୍କାର ନାମରେ ନୂତନ ଉଦାରବାଦୀ ଅର୍ଥନୀତି ବନ୍ଦ, ଭାରତୀୟ ଜୀବନ ବୀମା ନିଗମରୁ ଆଇପିଓ ବନ୍ଦ କରିବା, ୨୦୧୭ ଅଗଷ୍ଟ ୧ରୁ ସଂଶୋଧିତ ବେତନ ପ୍ରଦାନ ଆଦି ଦାବି ନେଇ ଧର୍ମଘଟ ହୋଇଥିଲା। ଭଞ୍ଜନଗର ଶ୍ରମିକ କର୍ମଚାରୀ ସମନ୍ୱୟ ସମ୍ମିତି ସାଧାରଣ ସମ୍ପାଦକ ହରିକୃଷ୍ଣ ସାହୁ ଓ ଭାରତୀୟ ଜୀବନ ବୀମା ନିଗମ, ଭଞ୍ଜନଗର ଶାଖା ପରିଚାଳକ ଅନୟ କୁମାର ମହାନ୍ତି, ମନୋରଞ୍ଜନ ମିଶ୍ର, ସୂର୍ଯ୍ୟନାରାୟଣ ବେହେରା ଏଥିରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସଭାପତି, ଅଲେଖ ବେହେରା, ସମ୍ପାଦକ ପାଣ୍ଡବ ମିଶ୍ର, ଗୋପିନାଥ ହେମ୍ବ୍ରମ, ହିମାଂଶୁ ଶେଖର ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

## ୨୫ରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ଶେରଗଡ,୧୮।୩(ଡି.ଏନ୍.ଏ.)

ଶେରଗଡ ବ୍ଲକ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ବିଭିନ୍ନ ଦାବି ନେଇ ଆସନ୍ତା ୨୫ ତାରିଖରେ ବିକ୍ଷୋଭ ଶୋଭାଯାତ୍ରା କରିବେ । ଏ ନେଇ ଏକ ବୈଠକ ଶେରଗଡରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାନେତ୍ରୀ ରଞ୍ଜିତା ରଥ ଅଧ୍ୟକ୍ଷତା କରିଥିଲେ। ସର୍ବ ସମ୍ମତିକ୍ରମେ ସଂଘର ଦାବି ନେଇ ରାଲି ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏନେଇ ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ.ଦୟାସିନ୍ଧୁ ପରିଡା ଓ ସିଡିପିଓ ବିଜୟଲକ୍ଷ୍ମୀ ନିଶାଙ୍କୁ ଭେଟି ଅବଗତ କରାଯାଇଛି ।

ଅଭିନନ୍ଦନ

**ପଞ୍ଚାୟତ ସମିତି, ଆସିକା (ଗଞ୍ଜାମ)**

**ପ୍ରଗତି ପଥେ ଆସିକା ବ୍ଲକ୍**

**ASKA BLOCK AT A GLANCE : 2020-21**

| | |
|---|---|
| Mandays Created... | 1061874 |
| Number of rural park taken up | out of 11......5 |
| Crematorium centre taken up.. | 8 |
| Number of cattleshed taken up.... | 232 |
| Other projects taken up.... | 371 |
| 100 days completed... | 925 |
| Expenditure incured... | 2346.5 Lakh |

ଆସିକା ବ୍ଲକ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଓ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି କି, ଅଧିକ ଶ୍ରମିକ ନିୟୋଜିତ କରି ଲକ୍ଷ୍ୟ ହାସଲ କରିବା ସହ ଉକ୍ତ ପଞ୍ଚାୟତ ସମିତିର ଉନ୍ନତିରେ ସହଯୋଗି ହୁଅନ୍ତୁ ।

ଶ୍ରୀ ହରେକୃଷ୍ଣ ମଲିକ
ଅଧ୍ୟକ୍ଷ

ଶ୍ରୀ ରୋସନ୍ ଶତପଥୀ
ଗୋଷ୍ଠି ଉନ୍ନୟନ ଅଧିକାରୀ, ଆସିକା

ଶ୍ରୀମତୀ ସୁଜାତା ସାଇଁ
ଉପାଧ୍ୟକ୍ଷା

## ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ, ପାଳଗଦା ଭସ୍ମ

ବେଗୁନିଆପଡା,୧୮।୩(ଡି.ଏନ.ଏ.):ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଜଳିଗଲା ପାଳଗଦା। କୋଦଳା ତହସିଲ ଅନ୍ତର୍ଗତ ଏସ୍.ଛଚିନା ପଞ୍ଚାୟତ ବେଲପଡା ଗ୍ରାମରେ ଥିବା ଏକ ପାଳ ଗଦାରେ ନିଆଁ ଲାଗି ସେହି ଗ୍ରାମର ବୁଦ୍ଧିରାମ ଭୋଇ, ଅଶୋକ ଭୋଇଙ୍କ ଖଳାରେ ଥିବା ଥିବା ୧୦ ଭରଣ ପାଳ ଗଦା ପୋଡି ପାଉଁଶ ହୋଇଯାଇଛି। କୋଦଳା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁସାରେ ଧାନଖଳା ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଥିବାରୁ ସେଥିରୁ ଶର୍ଟ ହୋଇ ନିଆଁ ଖସିଥିବା ଅନୁମାନ କରିଛନ୍ତି ବୁଦ୍ଧିରାମ। ପୂର୍ବରୁ ମଧ୍ୟ ଏହିଭଳି ସମାନ ଦୁର୍ଘଟଣା ଘଟିଥିଲା ବୋଲି ସେ କହିଛନ୍ତି।

**ଶୁଭେଚ୍ଛା।**

ଧରିତ୍ରୀ ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଓଡ଼ିଶାର ସମସ୍ତ କଳାକାର, ନାଟ୍ୟପ୍ରେମୀ ଓ ଭାଇଭଉଣୀଙ୍କୁ ଶୁଭେଚ୍ଛା ଜଣାଉଛି ।





**ଅନିଲ କୁମାର ପାତ୍ର**

ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର
ସାଧାରଣ ପରିଷଦ ସଦସ୍ୟ, ଭୁବନେଶ୍ୱର
ଓଡ଼ିଶା ନାଟ୍ୟ ସଂଘ ଉପ-ସଭାପତି, ଭୁବନେଶ୍ୱର
ଗଞ୍ଜାମ କଳାକାର ମହାସଂଘର ସଭାପତି, ଗଞ୍ଜାମ
ଓଡ଼ିଶା ନାଟକ ସମାରୋହ ସମିତିର ସଭାପତି, ବ୍ରହ୍ମପୁର

**EKALAVYA GROUP OF EDUCATION**
**+2 SCIENCE INTEGRATED**
**Ph.: 9439326301 / 8114386666**
**Sanjivani Vihar, Berhampur (Gm)**

REQUIRED FACULTY IN Phy. - 1, Math. - 1 (LECTURER), Boy's Hostel In Chagre - 3 Post, Girl's Hostel In Charge - 2 Post, Office In Charge - 1 Post, Peon - 3 Post. Eligible candidates may apply with full Bio-data to the Principal through Institution e-mail: **ekalabyaschool@gmail.com** within 10 days from the publication of the advertisement.

**PRINCIPAL**
**EGE, Berhampur, Mob.: 9439326301**

**ବ୍ରହ୍ମପୁର ମହାନଗର ନିଗମ**

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ବୟୋଜ୍ୟେଷ୍ଠଙ୍କ ପାଇଁ କରୋନା ଟିକା ଆଠଗୋଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦିବା ନଅ ଘଟିକାଠାରୁ ସନ୍ଧ୍ୟା ପାଞ୍ଚ ଘଟିକା ମଧ୍ୟରେ ପ୍ରଦାନ କରାଯାଉଅଛି। ସେଗୁଡିକ ହେଲା–
ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର – 1. ଆମ୍ବପୁଆ, 2. ଖୋଡାସିଙ୍ଗି, 3. ବୈକୁଣ୍ଠନଗର, 4. ଗୁଡ୍ସ ସେଡ୍ ରୋଡ, 5. ଆସ୍କା ରୋଡ, 6. ଆଗା ସାହି, 7. ରେଡ୍କ୍ରସ, 8. ଉତ୍ତରାମୁଖୀ
ଉପରୋକ୍ତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ
1. 60 ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ନିଜର ଆଧାର କାର୍ଡ ଓ ମୋବାଇଲ ନମ୍ବର ନେଇ ଯିବେ।
2. 45ରୁ 59 ବର୍ଷ ବୟସ୍କ ବ୍ୟକ୍ତି ଜଟିଳ ରୋଗରେ ଆକ୍ରାନ୍ତ ଥିଲେ, ନିଜ ଡକ୍ଟରଙ୍କଠାରୁ ଫର୍ମ ସହ ଆଧାର କାର୍ଡ ନେଇ ଯିବେ।
ଆସନ୍ତୁ ବ୍ରହ୍ମପୁରକୁ କରୋନା ମୁକ୍ତ କରିବା ପାଇଁ ଆଗେଇ ଆସିବା।

କମିଶନର









